ପ୍ରମେୟ
THE PRAMEYA

Date: 01-04-2019

## ସବୁଜ କ୍ୟାମ୍ପସ ପାଇଁ ବୃକ୍ଷରୋପଣ

# ଆଇଆଇଟି ମୁଖ୍ୟ ରାସ୍ତାରେ ଲାଗିଲା ୨୪୦ ଗଛ

ଭୁବନେଶ୍ୱର,୩୧।୩(ବ୍ୟୁରୋ): ଆଇଆଇଟି କ୍ୟାମ୍ପସକୁ ସବୁଜମୟ କରିବାକୁ ପଦକ୍ଷେପ ନେଇଛନ୍ତି କର୍ତ୍ତୃପକ୍ଷ। କ୍ୟାମ୍ପସ ଭିତରେ ବୃକ୍ଷ ରୋପଣ ଆଗରୁ କରାଯାଉଥିବା ବେଳେ ଏବେ କ୍ୟାମ୍ପସ ମୁଖ୍ୟ ଫାଟକ ମୁଖ୍ୟ ରାସ୍ତା (ନାଇଜର କ୍ୟାମ୍ପସ ରୋଡ୍) ପର୍ଯ୍ୟନ୍ତ ରାସ୍ତାର ଡିଭାଇଡ଼ରରେ ବୃକ୍ଷ ରୋପଣ କରାଯାଇଛି।

ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର୍ ଭି ରାଜା କୁମାର ବୃକ୍ଷ ରୋପଣ ଅଭିଯାନର ଶୁଭାରମ୍ଭ କରି କହିଛନ୍ତି, ଆଇଆଇଟିର ଏହି ଉଦ୍ୟମ ଆଖ ପାଖର ରହୁଥିବା ଗ୍ରାମର ଲୋକଙ୍କୁ ସବୁଜ ସୁନ୍ଦର ପରିବେଶ ପାଇଁ ପ୍ରୋତ୍ସାହିତ କରିବ। ବୃକ୍ଷ କେମିତି ପ୍ରଦୂଷଣକୁ ରୋକିବାର କାମ କରୁଛି, ଲୋକେ ମଧ୍ୟ ଏହା ଜାଣିବେ। ଆଇଆଇଟିକୁ ସବୁଜ କ୍ୟାମ୍ପସ କରିବାକୁ ସବୁ ପଦକ୍ଷେପ ନିଆଯାଉଛି। ଏଥିରେ ଅନେକ ମାତ୍ରାରେ ସଫଳତା ମଧ୍ୟ ମିଳିଛି ବୋଲି ପ୍ରଫେସର ରାଜା କୁମାର କହିଛନ୍ତି।

ଏହି ବୃକ୍ଷ ରୋପଣ ଅଭିଯାନରେ ୨୪୦ଟି ଗଛ ଲଗାଯାଇଛି। ଆଇଆଇଟି ସହ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସିଣ୍ଡିକେଟ୍ ବ୍ୟାଙ୍କ ମଧ୍ୟ ସହଯୋଗ କରିଛି। ସିଣ୍ଡିକେଟ୍ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର କେ ସି ଟୁଡୁ ଏହି ଅବସରରେ ଉପସ୍ଥିତ ଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଆଇଆଇଟି ଫ୍ୟାକଲ୍ଟିଙ୍କ ସହ ଷ୍ଟାଫ୍‌ମାନେ ସହଯୋଗ କରିଥିଲେ।

